# Daily News Updates

## 16th Sept 2025

OCS CORNER
Where Everyday Is Exam Day

- Odisha as Manufacturing Hub
- 4 new High court Judges
- Waqf Act Judgment
- Trade Deficit
- Aaddhar
- Anticipatory bill
- Involution
- Unemployment rate

8260224080

ସମ୍ବାଦ

# ୨୭ ଶିଳ୍ପର ଭିତ୍ତି ପଡ଼ିଲା

## ୨୫,୩୭୪ କୋଟି ନିବେଶ, ୫୨ ହଜାର ନିଯୁକ୍ତି ସମ୍ଭାବନା



- ମାନୁଫାକ୍ଚରିଂ ହବ୍ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ
- ୧୫ ମାସରେ ୨୬୦ ପ୍ରକଳ୍ପ ମଞ୍ଜୁର
- ୩୦ ତାରକା ନିଯୁକ୍ତିଦାତାଙ୍କୁ ସମ୍ବର୍ଦ୍ଧନା
- ଏକ୍ ପେଡ୍ ମା' କେ ନାମ୍ ୨.୦ ଅଭିଯାନରେ ଯୋଡ଼ିହେବାକୁ ଶିଳ୍ପସଂସ୍ଥାଙ୍କୁ ଆହ୍ୱାନ

ଭୁବନେଶ୍ୱର, ୧୫/୯ (ଇମିସ): ଶିଳ୍ପାୟନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୨୭ଟି ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜ୍ୟର ୧୨ଟି ଜିଲ୍ଲାରେ ସ୍ଥାପନ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକରେ ୨୫,୩୭୪.୩୪ କୋଟି ଟଙ୍କା ପୁଞ୍ଜିନିବେଶ ହେବ ଏବଂ ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଓୟୁଏଟିସ୍ଥିତ କନ୍‌ଭେନ୍‌ସନ ସେଣ୍ଟର୍‌ରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଶିଳାନ୍ୟାସ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶାକୁ ନିବେଶ ଆସିବା ସହ ଶିଳ୍ପଜଗତର ଭରସା ଓ ନିବେଶକମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ଉଚ୍ଚ ମୂଲ୍ୟର ଉତ୍ପାଦ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁଥିବା ଉଚ୍ଚ ମୂଲ୍ୟର ଉତ୍ପାଦ ନିର୍ମାଣ କରିବା ଉପରେ ଜୋର ଦିଆଯାଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ୧୫ ମାସ ମଧ୍ୟରେ ରାଜ୍ୟ ସରକାର ୨୬୦ ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ସେଥିରେ ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହିତ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ସେହି ସମୟରେ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେଥିରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ହେଉଥିବା ବେଳେ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି।

ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହିତ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରଶାସନିକ ପ୍ରତିବନ୍ଧକକୁ ହଟାଯାଇଛି। ଶିଳ୍ପପତିମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଆମେ ସବୁ ସମୟରେ ଉପସ୍ଥିତ ଅଛୁ। ଯେକୌଣସି ଅସୁବିଧାରେ ଶିଳ୍ପପତିମାନଙ୍କ ସମସ୍ୟା ଦୂର କରିବା ପାଇଁ ସରକାର ➥ ୯

BHUBANESWAR Edition
Page No.3 September 16, 2025

# ୨୭ ଶିଳ୍ପର...

ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏକ୍ ପେଡ୍ ମା କି ନାମ୍ ୨.୦ ଅଭିଯାନରେ ସାମିଲ ହୋଇ ନିଜ ଅଞ୍ଚଳରେ ଚାରାରୋପଣ କରିବାକୁ ସେ ଶିଳ୍ପସଂସ୍ଥାମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୩୦ ତାରକା ନିଯୁକ୍ତିଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଗଞ୍ଜାମ, ଖୋର୍ଦ୍ଧା, ଝାରସୁଗୁଡ଼ା, କୋରାପୁଟ ଓ ଅନୁଗୁଳଠାରେ ଆଭାସୀ ମାଧ୍ୟମରେ ସେ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଥିବା ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଓ ଶିଳ୍ପ ଅନୁକୂଳ ପରିବେଶ ହିଁ ଆଜି ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ସକ୍ଷମ ହୋଇଥିବା କହିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଯାହାର ଇଚ୍ଛା ଓ ଦୃଢ଼ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବ। ଗ୍ରାଉଣ୍ଡ୍ ଜିରୋରୁ କିଭଳି ସଫଳତା ମିଳିବ ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଥିବା ସେ କହିଥିଲେ।

ଆଜି ଏସ୍ଆର୍ଏଫ୍, ଲପ୍‌ଲିସନ୍ କାର୍ବନ୍ ଅଶୋକା ପ୍ରାଇଭେଟ୍ ଲିମିଟେଡ୍, ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ୍ ମେଟାଲିକ୍ସ ଲିମିଟେଡ୍, ଗ୍ରିନ୍‌ପ୍ଲାଏ ଗ୍ରୁପ୍, ଶୋଭା ସୋଲାର ଲିମିଟେଡ୍, ଫେରୋ ଆଲୟଜନ କର୍ପୋରେସନ୍ ଲିମିଟେଡ୍, ଏମ୍ଏଏସ୍ ଇଣ୍ଡିଆ କ୍ଲୋଥିଂ ପ୍ରାଇଭେଟ୍ ଲିମିଟେଡ୍, ଲିଣ୍ଡେ ଇଣ୍ଡିଆ, ଅଲ୍‌ଟ୍ରାଟେକ୍, ହିନ୍ଦୁସ୍ତାନ ଆକ୍ୱା, ଏସ୍ଏନ୍ଏମ୍ ହୋଟେଲ୍‌ସ ଆଣ୍ଡ୍ ରିସୋର୍ଟସ୍, ସୁମା ରିଅଲ୍ ମିଡିଆ, ସୁପ୍ରିମ୍ ଇଣ୍ଡଷ୍ଟ୍ରିଜ୍ ଓ ମୋଗଲି ଲ୍ୟାବ୍‌ସ ଇଣ୍ଡିଆ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ତାଲିକାରେ ଆଦିଷ୍ଟମ୍ ଭେଞ୍ଚର୍ସ, ଆଇଟିସି, ହୋଟେଲ୍ ପାଲ୍ ରିଜେନ୍ସି, ଏସ୍ଏପିଏଲ୍ ଇଣ୍ଡଷ୍ଟ୍ରିଜ୍‌ର ୟୁନିଟ୍-୨, ତ୍ରିପଥଗା ଟେକ୍ସଟାଇଲ୍‌ସ, ବିକେ ଇଣ୍ଟରନ୍ୟାସନାଲ୍, ଆମ୍ରିତାଶ ହେଲ୍‌ଥକେୟାର, କେଶବ ପ୍ଲାଷ୍ଟଟେକ୍, ମେଡିଏଡ୍ ମାର୍କେଟିଂ ସର୍ଭିସେସ୍, ଚୋସୁନ୍ ସର୍ବେସ୍ ରିଫ୍ରାକ୍ଟରିଜ୍, ଜୟ ଭାରତ ସ୍ପାଇସେସ୍ ଏବଂ ଇଣ୍ଡିଆନ୍ ମେଟାଲ୍‌ସ ଆଣ୍ଡ୍ ଫେରୋ ଆଲୟଜ୍ (ଇମ୍ଫା) ପ୍ରକଳ୍ପ ମଧ୍ୟ ରହିଛି। ଏହି ପ୍ରକଳ୍ପଗୁଡ଼ିକୁ ଗଞ୍ଜାମ, ଝାରସୁଗୁଡ଼ା, ଖୋର୍ଦ୍ଧା, କୋରାପୁଟ, ଅନୁଗୁଳ, ଭଦ୍ରକ, ସୁନ୍ଦରଗଡ଼, କଟକ, ପୁରୀ, ସମ୍ବଲପୁର, ଯାଜପୁର ଓ ରାୟଗଡ଼ା ଜିଲ୍ଲାରେ ସ୍ଥାପନ କରାଯାଉଛି।

ଏହି ଅବସରରେ ଉନ୍ନୟନ କମିସନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ଦକ୍ଷତା ବିକାଶ ସଚିବ ଭୁପେନ୍ଦ୍ର ସିଂହ ପୁନିଆ ଉପସ୍ଥିତ ଥିଲେ।



www.ocscorner.in
8260224080

ସମ୍ବାଦ



# ୱକଫ୍ ଆଇନର ରାୟ ଆସିଲା

# ଜିଲ୍ଲାପାଳଙ୍କ କ୍ଷମତା ଉପରେ ଅଙ୍କୁଶ

## ବୋର୍ଡରେ ଅଣମୁସଲମାନଙ୍କ ସଂଖ୍ୟା ୪ରେ ସୀମିତ ରହିବ

ନୂଆଦିଲ୍ଲୀ, ୧୫/୯: ଚଳିତବର୍ଷ ଏପ୍ରିଲରେ ସଂସଦରେ ଗୃହୀତ ୱକଫ୍ (ସଂଶୋଧନ) ଆଇନ ୨୦୨୫ ଉପରେ ଆଗତ ମାମଲାର ବହୁ ପ୍ରତୀକ୍ଷିତ ଅନ୍ତରୀଣ ରାୟ ସୁପ୍ରିମ୍‌କୋର୍ଟ ଆଜି ପ୍ରକାଶ କରିଛନ୍ତି। ନୂଆ ୱକଫ୍ (ସଂଶୋଧନ) ଆଇନ-୨୦୨୫ ଉପରେ ସଂପୂର୍ଣ୍ଣ ରହିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି। କିନ୍ତୁ ଆଇନର କେତେକ ବ୍ୟବସ୍ଥା ଉପରେ ରହିତାଦେଶ ଜାରି କରିଛନ୍ତି। ପ୍ରଧାନ ବିଚାରପତି ବିଆର୍ ଗୱାଇ ଏବଂ ବିଚାରପତି ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ➡ ୯

BHUBANESWAR Edition
Page No.3 September 16, 2025

ସମ୍ବାଦ

## ଜିଲ୍ଲାପାଳଙ୍କ କ୍ଷମତା ଉପରେ ...

ୱକଫ୍ ସମ୍ପତ୍ତି ପ୍ରସଙ୍ଗରେ ଜିଲ୍ଲାପାଳମାନଙ୍କୁ ଦିଆଯାଇଥିବା ଅଖଣ୍ଡ କ୍ଷମତାକୁ ସ୍ଥଗିତ ରଖିଛନ୍ତି। ସେହିପରି ୱକଫ୍ ସମ୍ପତ୍ତି ପରିଚାଳନା ପାଇଁ ୫ ବର୍ଷ ଇସଲାମ୍ ଧର୍ମ ଅଭ୍ୟାସ କରିବା ଆବଶ୍ୟକ ବୋଲି ନିୟମରେ ରହିଥିବା ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। କେନ୍ଦ୍ରୀୟ ୱକଫ୍ ପରିଷଦ ଏବଂ ରାଜ୍ୟ ୱକଫ୍ ବୋର୍ଡରେ ଅଣ ମୁସଲମାନଙ୍କ ନିଯୁକ୍ତି ସଂଖ୍ୟା ଉପରେ ମଧ୍ୟ ହସ୍ତକ୍ଷେପ କରିଛନ୍ତି।

ଖଣ୍ଡପୀଠ ଧାରା ୩(୧)(ଆର୍)ର କାର୍ଯ୍ୟକାରିତାକୁ ରୋକିଛନ୍ତି। ଏହି ଧାରାରେ ୱକଫ୍ ସୃଷ୍ଟି ପାଇଁ ଜଣେ ବ୍ୟକ୍ତିଙ୍କୁ ଅତିକମ୍‌ରେ ୫ ବର୍ଷ ଇସଲାମ୍ ଅଭ୍ୟାସ କରିବାର ଆବଶ୍ୟକତା ରହିଥିଲା। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଏହି ବ୍ୟବସ୍ଥା କିପରି କାର୍ଯ୍ୟକାରୀ କରାଯିବ ସେ ସଂକ୍ରାନ୍ତରେ ରାଜ୍ୟ ସରକାରଗୁଡ଼ିକ ନିୟମ ପ୍ରସ୍ତୁତ ନ କରିବା ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯିବ। ସରକାରୀ ଜମିକୁ ୱକଫ୍ ନାମରେ ଜବରଦଖଲ କରାଯାଇଛି କି ନାହିଁ ସେ ନେଇ ବିବାଦର ସମାଧାନ ପାଇଁ ଜଣେ ସରକାରୀ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରିବା ଉପରେ ମଧ୍ୟ ଖଣ୍ଡପୀଠ ରହିତାଦେଶ ଜାରି କରିଛନ୍ତି। ଏହାକୁ କ୍ଷମତା ପୃଥକୀକରଣର ଉଲ୍ଲଂଘନ ବୋଲି କହି ଖଣ୍ଡପୀଠ କହିଛନ୍ତି, ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ନାଗରିକଙ୍କ ସମ୍ପତ୍ତି ଅଧିକାରର ବିଚାର କରିପାରିବେ ନାହିଁ। ଯେପର୍ଯ୍ୟନ୍ତ ୱକଫ୍ ଟ୍ରିବ୍ୟୁନାଲ୍ ଏଭଳି ବିବାଦର ସମାଧାନ ନ କରିଛନ୍ତି, ସେ ପର୍ଯ୍ୟନ୍ତ ବିବାଦୀୟ ସମ୍ପତ୍ତି ଉପରେ କୌଣସି ତୃତୀୟ ପକ୍ଷର ଅଧିକାର ସୃଷ୍ଟି ହୋଇପାରିବ ନାହିଁ। ଅଣମୁସଲିମ୍‌ମାନଙ୍କୁ ୱକଫ୍ ବୋର୍ଡରେ ନିଯୁକ୍ତି ବାବଦରେ ଦିଆଯାଇଥିବା ଅନୁମତି ଉପରେ ରହିତାଦେଶ ପାଇଁ ସୁପ୍ରିମକୋର୍ଟ ମନା କରିଛନ୍ତି। ତେବେ ଏହା ସ୍ପଷ୍ଟ କରିଛନ୍ତି ଯେ ଏକ୍ସ-ଅଫିସିଓ ସଦସ୍ୟ ଯଥାସମ୍ଭବ ମୁସଲମାନ ହେବା ଆବଶ୍ୟକ।

ଆଇନର ଧାରା ୩ (୧)(ଆର୍)କୁ ସ୍ଥଗିତ ରଖାଯାଇଛି। ଏହି ଆଇନରେ ଜଣେ ବ୍ୟକ୍ତିଙ୍କୁ ୱକଫ୍ ସୃଷ୍ଟି କରିବା ପୂର୍ବରୁ ଅତି କମ୍‌ରେ ପାଞ୍ଚ ବର୍ଷ ଇସଲାମ ଧର୍ମ ପାଳନ କରିବାର ବ୍ୟବସ୍ଥା ରଖାଯାଇଥିଲା। କୋର୍ଟ କହିଛନ୍ତି, ଯେପର୍ଯ୍ୟନ୍ତ ରାଜ୍ୟଗୁଡ଼ିକ ଏହାର କାର୍ଯ୍ୟକାରିତା ପାଇଁ ନିୟମ ପ୍ରଣୟନ କରି ନାହାନ୍ତି, ସେ ପର୍ଯ୍ୟନ୍ତ ଏହା ସ୍ଥଗିତ ରହିବ।

ୱକଫ୍ ନାମରେ ସରକାରୀ ଜମି ଜବରଦଖଲ ହୋଇଛି କି ନାହିଁ ତାହା ସ୍ଥିର କରିବାକୁ ଜଣେ ସରକାରୀ ଅଧିକାରୀଙ୍କୁ ଅନୁମତି ଦେବା ବ୍ୟବସ୍ଥାକୁ କୋର୍ଟ ସ୍ଥଗିତ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, କେବଳ ନ୍ୟାୟିକ ଫୋରମ୍ ଏଭଳି ବିବାଦର ନିଷ୍ପତ୍ତି ନେଇପାରିବ। ଯେପର୍ଯ୍ୟନ୍ତ ୱକଫ୍ ଟ୍ରିବ୍ୟୁନାଲ ମାମଲାଗୁଡ଼ିକର ସମାଧାନ ନ କରିଛନ୍ତି, କୌଣସି ତୃତୀୟ-ପକ୍ଷର ଅଧିକାର ସୃଷ୍ଟି କରାଯାଇପାରିବ ନାହିଁ।

ୱକଫ୍ ବୋର୍ଡରେ ଅଣ-ମୁସଲମାନଙ୍କୁ ରଖିବା ନିୟମ ବଳବତ୍ତର ରହିଛି, କିନ୍ତୁ କେନ୍ଦ୍ରୀୟ ୱକଫ୍ ପରିଷଦରେ ଚାରିଜଣ ଓ ରାଜ୍ୟ ୱକଫ୍ ବୋର୍ଡରେ ତିନିଜଣରୁ ଅଧିକ ଅଣମୁସଲମାନ ରହିପାରିବେ ନାହିଁ। ଏକ୍ସ-ଅଫିସିଓ ସଦସ୍ୟମାନେ ମୁଖ୍ୟତଃ ମୁସଲମାନ ହେବା ଉଚିତ ବୋଲି କୋର୍ଟ କହିଛନ୍ତି।

ଖଣ୍ଡପୀଠ ୱକଫ୍ ସମ୍ପତ୍ତିର ପଞ୍ଜୀକରଣକୁ ବାଧ୍ୟତାମୂଳକ କରୁଥିବା ବ୍ୟବସ୍ଥାରେ ହସ୍ତକ୍ଷେପ କରି ନାହାନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ ଏହି ବ୍ୟବସ୍ଥା ୧୯୯୫ ଓ ୨୦୧୩ର ପୂର୍ବ ଆଇନରେ ଥିଲା। ତଥାପି କୋର୍ଟ ପଞ୍ଜୀକରଣ ପାଇଁ ସମୟସୀମା ବୃଦ୍ଧି କରିଛନ୍ତି। ରାୟ ଆନୁଷ୍ଠାନିକ ଭାବରେ ଅପ୍‌ଲୋଡ୍ ହେବା ପରେ ନୂତନ ସମୟସୀମା ସ୍ଥିର କରାଯିବ।

ୱକଫ୍ ବାଇ ୟୁଜର୍ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଯଦି ୱକଫ୍ ବାଇ ୟୁଜର୍ ଦ୍ୱାରା ସରକାରୀ ଜମି ଉପରେ ବ୍ୟାପକ ଜବରଦଖଲ ହେଉଛି ବୋଲି ସରକାର ଅନୁଭବ କରୁଛନ୍ତି, ତେବେ ଏହି ସଂଶୋଧନକୁ ମନମୁଖୀ ବୋଲି ବିବେଚନା କରାଯାଇପାରିବ ନାହିଁ। ସଲିସିଟର୍ ଜେନେରାଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟ ଅନୁଯାୟୀ, ମୂଳ ୱକଫ୍ ଆଇନର ଧାରା ୩ (ଆର୍)(ଆଇ)କୁ ହଟାଇବା ସେହି ଦିନଠାରୁ କାର୍ଯ୍ୟକାରୀ ହେବ, ଯେଉଁଦିନଠାରୁ ଆପତ୍ତିଜନକ ଅଧିନିୟମ କାର୍ଯ୍ୟକାରୀ ହୋଇଛି। ଉକ୍ତ ବ୍ୟବସ୍ଥା ତା'ଠୁ ପିଛିଲା ଭାବେ ଲାଗୁ ହେବ ନାହିଁ। ତେଣୁ ୱକଫ୍ ନିକଟରେ ଥିବା ଜମି ସରକାର ଅକ୍ତିଆର କରିବେ ବୋଲି ଆବେଦନକାରୀମାନେ ଯେଉଁ ଯୁକ୍ତି କରୁଛନ୍ତି, ତାହା ନିରାଧାର।

BHUBANESWAR Edition
Page No.11 September 16, 2025

ସମ୍ବାଦ

# ୪ ହାଇକୋର୍ଟରେ ନୂଆ ବିଚାରପତି ନିଯୁକ୍ତି ପାଇଁ ସୁପାରିସ

ନୂଆଦିଲ୍ଲୀ, ୧୫/୯ : କର୍ଣ୍ଣାଟକ, ହିମାଚଳପ୍ରଦେଶ, ମାଡ୍ରାସ ଏବଂ ତ୍ରିପୁରାରେ ନୂଆ ବିଚାରପତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ ଆଜି ସୁପାରିସ କରିଛନ୍ତି। ଏନେଇ ଆଜି ଏକ ବୈଠକ ହୋଇଥିଲା।

ବର୍ତ୍ତମାନ କର୍ଣ୍ଣାଟକ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟ କରୁଥିବା ଜଷ୍ଟିସ କେ ଭେଙ୍କଟରାମରେଡ୍ଡି ଅରବିନ୍ଦଙ୍କୁ ସେଠାରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଁ କଲେଜିୟମ ସୁପାରିସ କରିଛନ୍ତି। ଏଥିସହ ୩ଜଣ ନ୍ୟାୟିକ ଅଧିକାରୀଙ୍କର ମଧ୍ୟ କର୍ଣ୍ଣାଟକ ହାଇକୋର୍ଟକୁ ପଦୋନ୍ନତି ପାଇଁ କଲେଜିୟମ ସୁପାରିସ କରିଛନ୍ତି। ସେହିପରି ୨ ଜଣ ଆଇନଜୀବୀ ଜିୟା ଲାଲ୍ ଭରଦ୍ୱାଜ ଏବଂ ରମେଶ ବର୍ମାଙ୍କୁ ହିମାଚଳପ୍ରଦେଶ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ କରାଯାଇଛି। ମାଡ୍ରାସ ହାଇକୋର୍ଟର ୨ ଅତିରିକ୍ତ ବିଚାରପତି ଜଷ୍ଟିସ ଏନ୍ ସେନ୍ଥିଲକୁମାର ଏବଂ ଜଷ୍ଟିସ ଜି ଅରୁଳ ମୁରୁଗାନଙ୍କୁ ସେଠାରେ ସ୍ଥାୟୀ ବିଚାରପତି ପାଇଁ କଲେଜିୟମ ସୁପାରିସ କରିଛନ୍ତି। ତ୍ରିପୁରା ହାଇକୋର୍ଟ ପାଇଁ କଲେଜିୟମ ଅତିରିକ୍ତ ବିଚାରପତି ଦାୟିତ୍ୱ ତୁଲାଉଥିବା ବିଶ୍ୱଜିତ ପାଲିତଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦେବାପାଇଁ ସୁପାରିସ କରିଛନ୍ତି। ପ୍ରଧାନ ବିଚାରପତି ବି ଆର୍ ଗାଭାଇଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟ କଲେଜିୟମଙ୍କ ଏହି ସୁପାରିସ ଏବେ ସ୍ୱୀକୃତି ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ।

BHUBANESWAR Edition
Page No.23 September 16, 2025

Odisha Civil Service Examination CIVIL SERVICE CORNER www.ocscorner.in 8260224080

# SC stays ‘arbitrary’ Waqf changes, but upholds Act

Court says judgment based on only a *prima facie* consideration of the 2025 law, its observations will not prevent parties from making future submissions about the validity of provisions in the Act

**Krishnadas Rajagopal**
NEW DELHI

The Supreme Court on Monday struck a balance by staying crucial portions of the Waqf (Amendment) Act, 2025, which it found “*prima facie* arbitrary” while refusing to freeze the law in its entirety.

In a judgment on a plea for a interim stay of the law, a Bench of Chief Justice of India B.R. Gavai and Justice A.G. Masih reasoned that parliamentary

## Yes and no

A look at some of the key features of the Supreme Court ruling on the Waqf (Amendment) Act

- **‘Prima facie arbitrary’:** The lack of a basic mechanism to ascertain whether the person has been practising Islam for at least five years, which is requirement to create a waqf
- **‘Totally unconstitutional’:** Section 3C proviso that a Waqf loses its character immediately upon doubt of being government property, before inquiry completion; allowing the designated officer and State government to unilaterally alter revenue and Waqf Board records, respectively, changing the status of a Waqf property into a government property
- **‘Mandatory registration’:** The court rejected arguments against the mandatory registration of Waqfs prospectively



- **‘Protected monument’ status:** The argument that Waqf property loses its status if notified as a ‘protected monument’ was termed a ‘fallacy’
- **Tribal community donations:** It addressed concerns about restricting tribal Muslims from donating land as Waqfs, over the potential threat to cultural minorities

Odisha Civil Service Examination CIVIL SERVICE CORNER www.ocscorner.in 8260224080

legislation was naturally presumed to be constitutional as the lawmakers would only have the public's best interests in mind, so much so that even discrimination woven into the statute would be based on adequate grounds.

However, this reasoning did not stop the court from staying key provisions of the 2025 Act, including the one which required a person intending to create a Waqf to prove that he had been practising Islam for five years.

The court clarified that the judgment was based on a *prima facie* consideration of the 2025 law.

The observations in the judgment would not prevent parties from making future submissions about the validity of provisions in the Act.

The court said there was nothing wrong in requiring a person to prove that he had been practising the faith for at least five years, considering that Waqf endowments were misused as a "clever device to tie up property in order to defeat creditors and generally to evade the law under the cloak of a plausible dedication to the Almighty".

CONTINUED ON
» PAGE 12

# Govt., Opposition welcome order

**The Hindu Bureau**
NEW DELHI

Union Minister Kiren Rijiju on Monday welcomed the Supreme Court's judgment on the Waqf (Amendment) Act 2025.

"I believe that whatever the apex court has ruled is a very good sign for our democracy," he said. Mr. Rijiju, however, added that all the provisions included in the Act were beneficial to the Muslim community.

The Opposition claimed victory over the order, and said that it was a vindication of its stand on a law that was "blatantly unconstitutional" and designed to target a particular community. Had the government paid heed to the Opposition's views, the leaders said, they would have been spared this embarrassment.

FULL REPORTS ON
» PAGE 13

# Amid an export surge, trade deficit comes down by 54%

**The Hindu Bureau**
NEW DELHI


India's trade deficit contracted by more than 54% to $9.9 billion in August, driven by a surge in merchandise exports, a continued strong performance in services exports, and a significant reduction in merchandise imports.

The trade deficit stood at $21.7 billion in August last year. The data released by the Commerce and Industry Ministry showed that exports to the U.S. increased to about $6.86 billion in August 2025, from $6.7 billion in August last year. This is despite the 25% tariffs imposed on Indian exports to the U.S. for most of that month, and 50% for a few days at the month-end.

## Exports surge

India's total exports increased to $69.2 bn in August 2025, up 9.3% over its level in August last year

Figures in dollar billion




SOURCE: MINISTRY OF COMMERCE & INDUSTRY

lion in August last year, a growth of 6.7%. Services exports increased to $34.1 billion in August 2025, compared with $30.4 billion in August last year.

On the import side, India's total imports fell to $79 billion in August 2025,

"Despite the global uncertainties and the trade policy uncertainties, India's exporters have done extremely well," Commerce Secretary Sunil Barthwal said at a press meet. "It shows that the policies of the Government of India have paid off well."

India's total exports increased to $69.2 billion in August 2025, up 9.3% over its level in August last year. Within this, merchandise exports increased to $35.1 billion in August 2025, compared with $32.9 bil-

compared with $85 billion in August last year, a contraction of 7%. This was driven by a 10.1% contraction in merchandise imports to $61.6 billion.

Services imports increased marginally to $17.45 billion in August 2025 from $16.5 billion in August last year. The relatively strong export performance has meant that the trade deficit in April-August of this financial year stood at $41.4 billion, down 20.1% over its level in the April-August 2024 period.

CIVIL SERVICE CORNER www.ocscorner.in 8260224080

# Aadhaar is part of statute, can be used by voters, says SC

**Krishnadas Rajagopal**
NEW DELHI

The Supreme Court on Monday said Aadhaar was part of the right-to-vote statute, and voters were permitted to utilise the unique identity proof to the extent permitted by the law.

A Bench of Justices Surya Kant and Joymalya Bagchi was responding to submissions intended to portray Aadhaar as inferior to the 11 documents listed by the Election Commission for voter verification during the special intensive revision of Bihar electoral rolls.

**Section 23(4) of the Representation of the People Act allows use of Aadhaar to authenticate entries**

This has come barely a week after the court declared Aadhaar as the "12th document" aggrieved voters could attach in their claims and objections for including or excluding names on the voter list.

**Plea against order**

Petitioner-advocate Ashwini Kumar Upadhyay, who wants the court to rethink its August 8 order listing Aadhaar as the 12th document, said any person could get an Aadhaar, and that they need not necessarily be a citizen.

"Aadhaar is not proof of age, citizenship, residence, or domicile," Mr. Upadhyay said.

Justice Bagchi asked then what Aadhaar was meant to prove. Mr. Upadhyay said it was merely a "simple" proof of identity.

Referring to Section 23 (4) of the Representation of the People Act, 1950, Justice Bagchi asked if Aadhaar was not part of the statute which governed the EC with regard to the right to vote and inclusion on the rolls.

The Section permits EC officials to use Aadhaar to authenticate entries on the electoral rolls.

To this, Mr. Upadhyay argued that Aadhaar could not be equated with any of the other 11 documents. "So, are you saying that a land record (one of the 11 documents) is more relevant than Aadhaar?" Justice Bagchi queried.

The court issued notice on Mr. Upadhyay's plea, and fixed October 7 to hear arguments on the legality of the special intensive revision. It said its judgment would prevail over anything that may happen.

CONTINUED ON
» PAGE 12

Odisha Civil Service Examination CIVIL SERVICE CORNER www.ocscorner.in 8260224080

# India gets licence to scour Indian Ocean for precious metals

**Jacob Koshy**
COPENHAGEN

India has bagged an exploration contract from the International Seabed Authority (ISA) to look for a class of precious metals in the northwest Indian Ocean.

This is the first licence granted globally for exploring polymetallic sulphur nodules in the Carlsberg Ridge, M. Ravichandran, Secretary, Ministry of Earth Sciences, told *The Hindu*.

The agreement with the Jamaica-based ISA was signed in Delhi on Monday, he added.

These nodules are concentrations of rock found in the deep ocean and said to be rich in manganese, cobalt, nickel, and copper.

The Carlsberg Ridge is a 3,00,000-sq.km stretch

The Carlsberg Ridge is a 3,00,000-sq.km stretch that lies in the Indian Ocean, specifically in the Arabian Sea and northwest Indian Ocean. It forms the boundary between the Indian and Arabian tectonic plates, extending from near Rodrigues Island to the Owen fracture zone.

For exploration in areas part of the 'high seas' or part of the ocean that is so far away from any country, that it is not part of their territories, countries must obtain permission from the ISA. Currently, 19 countries have such exploration rights.

India too had applied in January 2024 for exploration rights in two regions of the Indian Ocean. While one in the Carlsberg Ridge has been granted, the second - the Afanasy-Nikitin Sea (ANS) mount - is yet to be approved. The ANS is located in the Central Indian Ocean, and the territory has been claimed by Sri Lanka for exploration rights. While countries can claim up to 350 nautical miles from their coasts as their 'continental shelf', those in the Bay of Bengal can, in theory, claim up to 500 nautical miles as per the United Nations Convention on the Laws of the Sea (UNCLOS).

Sea (UNCLOS).

**Earlier exploration**

Previously, India had obtained such exploratory rights from the ISA in the Central Indian Ocean Basin. The first was signed in March 2002 and is set to expire on March 24, 2027, after two extensions. The second was for polymetallic sulphides in the Indian Ocean Ridge. It was signed on September 26, 2016, with validity till September 2031.

CIVIL SERVICE CORNER www.ocscorner.in 8260224080

# SC on anticipatory bail in caste crime

Supreme Court cancels anticipatory bail granted to a caste crime accused, upholding Section 18 of the SC/ST Act; the ruling reinforces protection for Dalit victims, bars pre-trial relief, and warns courts against conducting a 'mini-trial' at the bail stage

LETTER & SPIRIT

Vikram Karuna

**The story so far:**

On September 1, the Supreme Court quashed a Bombay High Court order that had granted anticipatory bail to an accused of caste crimes. In the case of *Kiran vs Rajkumar Jivaraj Jain*, a Bench led by Chief Justice of India B. R. Gavai held that Section 18 of the Scheduled Castes and Scheduled Tribes (Prevention of Atrocities) Act, 1989, creates a specific bar against anticipatory bail for crimes made out *prima facie*. This case involves caste-based assault, abuse, and intimidation linked to an electoral dispute.

**Facts of the case**

In this case, on November 26, 2024, a First Information Report (FIR) was filed by Kiran, a member of the Scheduled caste community, alleging that Rajkumar Jain and others had attacked him and his



**Key observations**

The Bench clarified that insults and assaults that occur outside the complainant's house, in a manner visible to others, count as acts "within public view," a statutory requirement under Section 3(1)(r). It further noted that the attack was triggered by the complainant's voting choice, which attracted Section 3(1)(o) of the Act that criminalises coercion or retaliation in voting against SC/ST members. Independent witness accounts, recovery of weapons, and medical evidence strengthened the prosecution's case, making the High Court's dismissal of the FIR untenable. The court also cautioned High Courts against overstepping into evidence appreciation at the pre-arrest bail stage.

Ultimately, the Supreme Court cancelled the anticipatory bail, calling the High Court's order a "manifest error and jurisdictional illegality."

**The way forward**

The ruling reinforces that the SC/ST Act is not a procedural formality but a substantive shield to safeguard the dignity

## THE GIST

The court cancels anticipatory bail in *Kiran vs Rajkumar Jivaraj Jain*, reaffirming that Section 18 of the SC/ST (Prevention of Atrocities) Act, 1989 bars anticipatory bail for offences like caste-based assault, abuse, intimidation, and electoral retaliation.

The judgment emphasises that courts must respect the bar on anticipatory bail, avoid mini-trials at the pre-arrest stage, and apply the *prima facie* test, reinforcing protection of vulnerable SC/ST communities and accountability for caste crimes.

Odisha Civil Service Examination CIVIL SERVICE CORNER www.ocscorner.in 8260224080

# What is 'involution' that is plaguing Chinese EV sector?

## How is China tackling involution and price wars in its electric vehicle sector?

Kunal Shankar

**The story so far:**

For some years now, the Chinese economy has faced what has locally come to be called *nèijuǎn*, or an involution. It is a process in which rivals in certain sectors indulge in price wars, attempting to capture market share and clear out oversupply of goods. However, these price wars are counterproductive, as they reach thresholds where the retail price of the product is so low that even the production costs cannot be realised, pushing firms into losses. This has been most apparent lately in China's electric vehicle sector, so much so that China's President Xi Jinping has prescribed corrective measures in a recent article in *Qiushi*. This phenomenon is not new in China; a similar trend has been witnessed in the solar industry as well.

**Where does the phrase "involution" originate from?**

Involution is derived from the Latin phrase *involūtiōn-em*, meaning 'to turn inwards.' According to the Oxford English Dictionary, the earliest known use of the noun "involution" dates back to 1611, in the writings of lexicographer Randle Cotgrave. But the dictionary lists nine meanings for the noun, ranging from its usage in literature to mathematics and pathology. The term appears to have been popularised by American anthropologist Clifford Geertz in the 1960s. Geertz used "involution" in his 1969 book *Agricultural Involution: The Processes of Ecological Change in Indonesia* to describe a dynamic in Java's wet-rice (sawah) economy, where ever more labour and intricacy were packed into the same agro-ecological system, raising output per acre somewhat but not per person– so incomes stagnated even as effort and social complexity increased, according to a blurb of his book in the University of California Press website.

**Have EU and U.S. tariffs exacerbated involution in the Chinese EV sector?**

Yes, they have. The U.S. Section 301 tariffs on Chinese EVs, set at 100% (from 2024), along with higher duties on EV batteries and parts, effectively mean a trade embargo on Chinese EVs by the United States. Since October 30, 2024, the EU has imposed "countervailing duties" on Chinese EVs (e.g., BYD 17.0%, Geely 18.8%, SAIC -35%), on top of the standard 10% import duty. This is to ostensibly counter the "subsidies" provided by China to its EV sector. But, Europe's auto sector is at an inflection point with plummeting sales in its iconic brands as Europeans begin to buy the technologically superior Chinese EVs at highly competitive prices. The countervailing duties are a desperate attempt to save Europe's once export-heavy auto industry. The commission has also entertained talks on minimum price undertakings in 2025.

Turkiye added a 40% extra tariff on Chinese vehicles in 2024, and Mexico has moved toward a 50% tariff to head off U.S.-bound transshipment.

As a result, Chinese Original Equipment Manufacturers (OEMs) intensified competition at home, fuelling

rner.in 8260224080

# WPI inflation in Aug. at four-month high of 0.52%

**Press Trust of India**
NEW DELHI

Wholesale price inflation rose to a four-month high of 0.52% in August as prices of food articles and manufactured items inched up, even as fuel and power basket witnessed easing.

Reversing the deflationary trend of the past two months, (-) 0.58 in July and (-) 0.19% in June, the WPI-based inflation rose to its highest level since April, when it was 0.85%. It was 1.25% in August last year.

# Sixth tranche of auction for critical, strategic minerals to kick off today

**Saptaparno Ghosh**
NEW DELHI

The sixth tranche of auction for critical and strategic minerals will be unveiled on Tuesday, the Ministry of Mines said on Monday.

The latest round would feature four mineral blocks, where full-fledged mining operations can be undertaken alongside 19 blocks with a prospecting licence-cum-mining lease, and can thereafter commence mining. Stationed across "multiple States", the mines housed several minerals including rare-earths, tungsten, lithium, cobalt, gallium, potash, among others, the Ministry informed.

# 'AI-led efficiencies can contribute to 8% GDP growth target'

**Aroon Deep**
NEW DELHI

Artificial Intelligence-led efficiencies in industries could be key in contributing to an annual Gross Domestic Product (GDP) growth rate of 8% in the coming years, NITI Aayog said in a report on Monday.

"Accelerating AI adoption across industries to improve productivity and efficiency could bridge 30-35% of the gap between the current rate of growth and the 8% target," the public policy think tank said in the report.

Individual industries must leverage AI to introduce efficiencies; candidates that are primed for this include pharmaceuticals, manufacturing, automobiles and financial services, it said.

"AI has reduced the cost of producing the next molecule [for the pharmaceutical industry] by approximately 10 times and crashed the time that it takes – roughly 10 years – by roughly 50%," Koshir Daka, a senior partner at McKinsey said at the report unveiling, adding that this could give India an opening to invent a clutch of drugs at a global stage in the near future.

**Skilling workers whose roles are threatened by AI is key, NITI Aayog said in the report**

The unveiling is among a series of events building up to February 2026's AI Impact Summit, to be hosted by India.

"The impact that AI can have, not just on India's economy but the global economy, is so profound and so significant that we need to take the leadership position in this area," IT Secretary S. Krishnan said.

Skilling workers whose roles are threatened by AI is key, the report said, recommending "mapping job shifts annually, embedding lifelong learning into career pathways, scaling MSME digital upskilling, and protecting gig and platform workers."

CIVIL SERVICE CORNER www.ocscorner.in 8260224080

# Tribals in Odisha tiger reserve allege ‘fraudulent’ relocation

The Union Ministry of Environment, Forest and Climate Change has ordered a probe into allegations that the Odisha Forest Department fraudulently obtained villagers’ consent for relocation from the core areas of Similipal Tiger Reserve. The probe was initiated after representations by residents of Bakua village in Mayurbhanj district alleging that the tiger reserve authorities used unlawful means to obtain clearance and relocation of villages. Opposing the relocation, Bakua villagers demanded that the Centre deny clearance for diversion of the land where they would be relocated.

# Air pollution impacting Red Fort walls, finds study

**The Hindu Bureau**
NEW DELHI

A ‘black crust’ is forming on the walls of the Red Fort due to high levels of air pollution, a recent study has found.

The study, conducted as part of an Indo-Italian project, analysed the red sandstone used in the structure and samples of black crust.

The crust contains heavy metals, such as titanium, nickel, copper, zinc, barium, and lead, which the researchers behind the study have linked to “atmospheric deposition due to air pollution” from construction activities, road dust, and emissions from cement factories.

ସମ୍ବାଦ

# ୧୨ ସହରର ବାୟୁ ମାନ ଚିନ୍ତାଜନକ

ଭୁବନେଶ୍ୱର, ୧୫/୯(ଇମିସ): ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ(ଏନ୍‌ସିଏପି) ଭଳି ଓଡ଼ିଶାରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ(ଏସ୍‌ସିଏପି) ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୨ଟି ସହରକୁ ସାମିଲ କରାଯାଇଛି। ଯେଉଁଥିରେ ଅଧିକାଂଶ ଶିଳ୍ପାଞ୍ଚଳ ସହର ରହିଛି। ଝାରସୁଗୁଡ଼ା ସମେତ ବ୍ରଜରାଜନଗର, ବେଲପାହାଡ଼, ବଣେଇ, ରାଜଗାଙ୍ଗପୁର, କେନ୍ଦୁଝର, ଯୋଡ଼ା, ବଡ଼ବିଲ୍, ପୁରୀ, ବ୍ରହ୍ମପୁର ପରି ସହର ରହିଛି। ପୁରୀ ଓ ବ୍ରହ୍ମପୁର ଶିଳ୍ପ ସହର ହୋଇ ନ ଥିଲେ ମଧ୍ୟ ଏହାର ବାୟୁ ଖରାପ ସ୍ତରରେ ରହୁଛି। ତେଣୁ ସହରଗୁଡ଼ିକର ବାୟୁ ମାନରେ ଉନ୍ନତି ଆଣିବାକୁ ୫ ବର୍ଷିଆ ଯୋଜନା ପ୍ରସ୍ତୁତ ହୋଇଛି। ଏହି ସମୟ ଅବଧିରେ ୧୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବ।

ଏବେ ରାଜ୍ୟର ୭ଟି ସହର ଯଥା ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୁଳ, ତାଳଚେର, ବାଲେଶ୍ୱର, କଳିଙ୍ଗନଗରକୁ ଏନ୍‌ସିଏପିରେ ସାମିଲ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପରିଣାମ ସ୍ୱରୂପ ସଦ୍ୟ ପ୍ରକାଶିତ ଏନ୍‌ସିଏପି ର୍‍ୟାଙ୍କିଂରେ ଅନୁଗୁଳ, ତାଳଚେର, ଭୁବନେଶ୍ୱର, କଟକ ସହରର ବାୟୁର ଗୁଣାବତ୍ତାରେ ଉନ୍ନତି ଆସିପାରିଛି। ତାହାକୁ ଆଧାର କରି ରାଜ୍ୟ ସରକାର ଏସ୍‌ପିଏପି କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ପରିବେଶ ଇଞ୍ଜିନିୟର ତଥା ଏସ୍‌ସିଏପି ଦାୟିତ୍ୱରେ ଥିବା ଦିଲ୍ଲୀପ କୁମାର ଦାସ କହିଛନ୍ତି ଯେ ଏନ୍‌ସିଏପିରେ ୭ଟି ସହର ସାମିଲ ହୋଇଛି। ୨୦୧୯-୨୦ରେ ହାତକୁ ନିଆଯାଇଥିବା ଏହି କାର୍ଯ୍ୟକ୍ରମ ଏବେ ମଧ୍ୟ ଜାରି ରହିଛି। ଓଡ଼ିଶାର ବିଭିନ୍ନ ସହରର ବାୟୁ ଗୁଣବତ୍ତା କେଉଁଠି ଆହ୍ୱାନ ସୃଷ୍ଟି କରିଛି ତାହାକୁ ଅନୁଧ୍ୟାନ କରିବା ପରେ ଆଉ ୧୨ଟି ସହରକୁ ଚିହ୍ନଟ କରାଯାଇଥିଲା। ଏହାପରେ ସେଠାରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛୁ।


ଆସନ୍ତା ୫ ବର୍ଷରେ ପାଖାପାଖି ୧୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ଅର୍ଥରେ ସହରାଞ୍ଚଳରେ ଆବର୍ଜନା ପୋଡ଼ିବା ହ୍ରାସ, ରାସ୍ତାରେ ଉଡୁଥିବା ଧୂଳିକଣା ହ୍ରାସ, କୋଠା ଭାଙ୍ଗିବା ସମୟରେ ବାହାରୁଥିବା ଆବର୍ଜନାର ସଠିକ୍ ବ୍ୟବହାର ଦିଗରେ ପଦକ୍ଷେପ ନିଆଯିବ। ପେଟ୍ରୋଲ, ଡିଜେଲ୍ ଗାଡ଼ି ଅପେକ୍ଷା ଇଭିର ବ୍ୟବହାର ବୃଦ୍ଧି ପାଇଁ ଲୋକଙ୍କୁ ପୋତ୍ସାହନ, ବାୟୁ ଗୁଣବତ୍ତା ନିୟମିତ ଭାବେ ମପାଯିବ। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଆଲୋଚନାଚକ୍ର ଓ କର୍ମଶାଳାର ଆୟୋଜିତ ହେବ। ଗାଡ଼ି ଅପେକ୍ଷା ସାଇକେଲ୍ ଚଲାଇବାକୁ ଅଧିକ ପ୍ରୋତ୍ସାହିତ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ଅନ୍ୟପକ୍ଷରେ ଶିଳ୍ପାନୁଷ୍ଠାନରୁ ନିର୍ଗତ ହେଉଥିବା ଫ୍ଲାଏଆସ୍ ମନିଟରିଂ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ରାଜିନାମା ହୋଇଛି। ଆଇଆଇଟି ଭୁବନେଶ୍ୱର ସହଯୋଗରେ ୬ ମାସରେ ପ୍ରସ୍ତୁତ ହେବାକୁ ଥିବା ସିଟିଜେନ୍ ରିପୋର୍ଟିଂ ଆପ୍ ମାଧ୍ୟମରେ ଫ୍ଲାଏଆସ୍ ମନିଟରିଂ ହେବ। ଡ୍ରୋନ୍, କ୍ୟୁଆର୍ କୋଡ୍ ବ୍ୟବହାର ପରି ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯିବ। ଲୋକମାନେ ମଧ୍ୟ ଏଥିରେ ସାମିଲ ହୋଇପାରିବେ। ଶିଳ୍ପ ସଂସ୍ଥାରୁ ଫ୍ଲାଏଅସ୍ ବାହାରିବାଠାରୁ ନଷ୍ଟ ହେବା ପର୍ଯ୍ୟନ୍ତ, ସବୁ କିଛି ଟ୍ରାକ୍ ହେବ। ରାସ୍ତାରେ ଯଦି କେହି ବେଆଇନ ଭାବେ ଫ୍ଲାଏଆସ୍ ପକାଇ ଚାଲିଯାଉଥିବେ ତାହାକୁ ଧରିବାରେ ମଧ୍ୟ ସହାୟକ ହେବ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋର୍ଡର ଚିଫ୍ ଏନ୍‌ଭର୍ଣ୍ଣମେଣ୍ଟାଲ ଇଞ୍ଜିନିୟର ବିଜୟ କୁମାର ବେହେରା ସୂଚନା ଦେଇଛନ୍ତି। ଏଥିସହ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଫ୍ଲାଏଆସ୍ ଆଟଲାସ୍ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

**ଆରମ୍ଭ ହେବ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ**

**୫ ବର୍ଷରେ ଖର୍ଚ୍ଚ ହେବ ୧୫୦ କୋଟି**

**ଫ୍ଲାଏଆସ୍ ମନିଟରିଂ କରିବାକୁ ରୂପରେଖ**







Odisha Civil Service Examination
CIVIL SERVICE CORNER

# ବନତାରା ପ୍ରସଙ୍ଗରେ ଏସ୍ଆଇଟି ରିପୋର୍ଟ ଉପରେ ମାନନୀୟ ସୁପ୍ରିମ୍‌କୋର୍ଟଙ୍କ ମନ୍ତବ୍ୟର ମୁଖ୍ୟାଂଶ



- ବନତାରା ବିରୋଧରେ ଅଣାଯାଇଥିବା ଅଭିଯୋଗଗୁଡ଼ିକ ଉପରେ ସ୍ପେସାଲ ଇନଭେଷ୍ଟିଗେଟିଭ୍ ଟିମ୍‌ର ରିପୋର୍ଟ ଉପରେ ସୁପ୍ରିମକୋର୍ଟ ଶୁଣାଣି କରି ମାମଲାର ରଫାଦଫା କରିଛନ୍ତି।
- ସୁପ୍ରିମକୋର୍ଟ କହିଛନ୍ତି, ଆମେ ରିପୋର୍ଟର ସାରାଂଶକୁ ଅନୁଧ୍ୟାନ କରିଛୁ। ନିୟାମକ ବ୍ୟବସ୍ଥାକୁ ସଂସ୍ଥା ସଂପୂର୍ଣ୍ଣ ଭାବେ ପାଳନ କରିଥିବା ଏଥିରେ ରହିଛି। ଅଂଶୀଦାରମାନଙ୍କ ମତକୁ ମଧ୍ୟ ଉପସ୍ଥାପନ କରାଯାଇଛି। ନିୟାମକ ବ୍ୟବସ୍ଥା ଆଦିକୁ ପାଳନ କରାଯାଇଥିବାରୁ କର୍ତ୍ତୃପକ୍ଷ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ଏହି ରିପୋର୍ଟକୁ ଆଦେଶର ଏକ ଅଂଶ କରିବୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।
- ସୁପ୍ରିମକୋର୍ଟ କହିଛନ୍ତି, ଆମ ପାଖରେ ବର୍ତ୍ତମାନ ଏକ ସ୍ୱାଧୀନ କମିଟିର ରିପୋର୍ଟ ରହିଛି। ସେହି କମିଟିକୁ ବିଶେଷଜ୍ଞମାନେ ମଧ୍ୟ ସହାୟତା କରିଛନ୍ତି। ବର୍ତ୍ତମାନ ସମସ୍ତେ ସୁପାରିସ ଆଧାରରେ ପଦକ୍ଷେପ ନେଇପାରିବେ। ଆମେ ୧୦ଟି ପ୍ରଶ୍ନ ଦେଇଥିଲୁ। କମିଟି ସେସବୁର ଉତ୍ତର ମଧ୍ୟ ଦେଇଛନ୍ତି।
- ସୁପ୍ରିମକୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସବୁ ପ୍ରସଙ୍ଗକୁ କମିଟି ବ୍ୟାପକ ମାତ୍ରାରେ ଏବଂ ବିସ୍ତୃତ ଭାବେ ଅନୁଧ୍ୟାନ କରିଛି।
- ବନତାରା ପ୍ରସଙ୍ଗରେ ଉଲ୍ଲେଖ କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ସେଠାରେ କେତେକ ବିଷୟ ରହିଛି ଯାହା ଆମ ଦେଶ ପାଇଁ ଗର୍ବ। ଆମେ ଏହି ପ୍ରସଙ୍ଗ ଉଠାଇ ପାରିବ ନାହିଁ ଏବଂ ହୋହଲ୍ଲା କରିପାରିବା ନାହିଁ। ଦେଶରେ କିଛି ଭଲ କଥା ହେବାକୁ ଦିଆଯାଉ। ଆମେ ଏସବୁ ଭଲ ଜିନିଷକୁ ନେଇ ଖୁସି ହେବା ଉଚିତ।
- ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ହାତୀ ଯଦି ନିୟମ ଅନୁସାରେ ଅଣାଯାଇଛି ତାହେଲେ ସେଥିରେ ସମସ୍ୟା କାହିଁକି ରହୁଛି। ଆପଣ ଏଭଳି ସାଧାରଣ ବିବୃତି ଦେଇପାରିବେ ନାହିଁ।




- ବନତାରା (ଗ୍ରିନ୍ସ ଜୁଲୋଜିକାଲ ରେସକ୍ୟୁ ଆଣ୍ଡ୍ ରିହାବିଲିଟେସନ ସେଣ୍ଟର୍ ଆଣ୍ଡ୍ ରାଧେ କ୍ରିଷ୍ଣା ଟେମ୍ପଲ ୱେଲଫେୟାର ଟ୍ରଷ୍ଟ)ରେ ବେଆଇନ ଏବଂ ଅନୁଚିତ କାର୍ଯ୍ୟ ହୋଇଥିବା ନେଇ ଦୁଇଟି ପିଟିସନ୍ ଦାଖଲ ହୋଇଥିଲା।
- ପୂର୍ବରୁ ଗତମାସ ୨୫ ତାରିଖରେ ସୁପ୍ରିମକୋର୍ଟ ତଦନ୍ତ କରିବା ଭଳି କୌଣସି ବିଷୟ ଏଥିରେ ପାଇ ନଥିଲେ। କିନ୍ତୁ ଗମ୍ଭୀରତା ଦୃଷ୍ଟିରୁ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ତଥ୍ୟ ଅନୁସନ୍ଧାନ ପାଇଁ ଏକ ଏସ୍ଆଇଟି ଗଠନ କରାଯାଇଥିଲା।

## ଏସ୍ଆଇଟି ତଦନ୍ତ

- ଏସ୍ଆଇଟି ଏକାଧିକ ଭାରତୀୟ ଏବଂ ବିଦେଶୀ କର୍ତ୍ତୃପକ୍ଷଙ୍କ ସହ ଏହି କାର୍ଯ୍ୟ ପାଇଁ ସମନ୍ୱୟ ରଖିଥିଲା। ସେଗୁଡ଼ିକ ମଧ୍ୟରେ ସିଜେଡ୍ଏ, ସିବିଆଇ, ଇଡି, ଡିଆର୍ଆଇ, ସୀମାଶୁଳ୍କ, ସିଆଇଟିଇଏସ୍ ଆଦି ସଂସ୍ଥା ରହିଛନ୍ତି।
- ରେକର୍ଡ, ସତ୍ୟପାଠ, ଘଟଣାସ୍ଥଳ ପରିଦର୍ଶନ, ବିଶେଷଜ୍ଞଙ୍କ ମତାମତ ଏବଂ ବ୍ୟକ୍ତିଗତ ଶୁଣାଣିର ଅନୁଧ୍ୟାନ କରାଯାଇଛି।
- ପ୍ରାଣୀ ଆଣିବା, ଚୋରାଚାଲାଣ, ଅନିୟମିତତା, କଲ୍ୟାଣ, ସଂରକ୍ଷଣ, ଆର୍ଥିକ ଅନିୟମିତତା ଏବଂ ପରିବେଶ ପ୍ରସଙ୍ଗର ତଦନ୍ତ ହୋଇଥିଲା।

## ତଦନ୍ତରୁ ମିଳିଥିବା ପ୍ରମୁଖ ବିଷୟ

### ୧. ଆଇନଗତ ଉଲ୍ଲଂଘନ କିଛି ହୋଇନାହିଁ

- ବନ୍ୟଜନ୍ତୁ (ସୁରକ୍ଷା) ଆଇନ ୧୯୭୨, ଚିଡ଼ିଆଖାନା ନିୟମ, ସିଜେଡ୍ଏ ମାର୍ଗଦର୍ଶିକା, ସୀମାଶୁଳ୍କ ଆଇନ, ଫେମା, ପିଏମ୍ଏଲ୍ଏ, କିମ୍ବା ସିଆଇଟିଇଏସ୍‌ରେ କୌଣସି ଉଲ୍ଲଂଘନ ହୋଇ ନଥିବା ଜଣାପଡ଼ିଛି।
- ବନ୍ୟଜନ୍ତୁମାନଙ୍କୁ ଦେଶବିଦେଶରୁ ଆଣିବା ସମୟରେ ସମସ୍ତ ପ୍ରକାର ଅନୁମତି ନିଆଯାଇଛି ଏବଂ ସେସବୁର କାଗଜପତ୍ର ପ୍ରସ୍ତୁତ କରାଯାଇଛି।

### ୨. ପ୍ରାଣୀଙ୍କ କଲ୍ୟାଣ ଓ ସୁବିଧା

- ପ୍ରାଣୀଙ୍କ ପାଳନ, ଚିକିତ୍ସା ଓ କଲ୍ୟାଣ ପାଇଁ ରହିଥିବା ନିର୍ଦ୍ଧାରିତ ମାନଦଣ୍ଡ ତୁଳନାରେ ବନତାରାରେ ଅଧିକ ସୁବିଧାସୁଯୋଗ ରହିଛି।
- ମୃତ୍ୟୁହାର ବୈଶ୍ୱିକ ସ୍ତରରେ ଚିଡ଼ିଆଖାନାରେ ରହିଥିବା ହାରାହାରି ମୃତ୍ୟୁ ହାର ସ୍ତର ସହ ଏଠାକାର ମୃତ୍ୟୁ ହାର ରହିଛି।
- ଗ୍ଲୋବାଲ ହ୍ୟୁମାନି ସୋସାଇଟି ପକ୍ଷରୁ ପ୍ରମାଣପତ୍ର ହାସଲ କରାଯାଇଛି।

### ୩. ଆର୍ଥିକ ଅଭିଯୋଗ

- କାର୍ବନ କ୍ରେଡିଟ୍, ପାଣିର ଅପବ୍ୟବହାର ହେଉ ଅବା ମନି ଲଣ୍ଡରିଂ ଅଭିଯୋଗ ଭିତ୍ତିହୀନ ସାବ୍ୟସ୍ତ ହୋଇଛି।
- କୌଣସି ପ୍ରକାର ବେଆଇନ ପାଣ୍ଠି ଆସିବା କିମ୍ବା ଚୋରାଚାଲାଣ ଚିହ୍ନଟ ହୋଇନାହିଁ।

### ୪. ବାରମ୍ବାର ଅଭିଯୋଗ

- କୋର୍ଟ ଉଲ୍ଲେଖ କରିଛନ୍ତି ଯେ ବନତାରା ବାରମ୍ବାର ଏଭଳି ଅଭିଯୋଗର ସାମ୍ନା କରିଛି ଏବଂ କାହାରି କୌଣସି ବାସ୍ତବତା ନଥିବା ଜଣାଯାଇଛି।
- ଏଭଳି କାଳ୍ପନିକ ପିଟିସନ ଦାଖଲ କରିବା ପ୍ରକ୍ରିୟାର ଦୁରୁପଯୋଗ।

## କୋର୍ଟଙ୍କ ନିର୍ଦ୍ଦେଶ

- ଏସ୍ଆଇଟି ରିପୋର୍ଟ ନିବୁଜ ଲଫାପାରେ ରହିଛି: ଏହାର ସଂପୂର୍ଣ୍ଣ ନକଲ ବନତାରାକୁ ନିଜସ୍ୱ ବ୍ୟବହାର ପାଇଁ ଦିଆଯାଇଛି।
- ଏସ୍ଆଇଟି ରିପୋର୍ଟର ସାରାଂଶ ଗୋପନୀୟ ନୁହେଁ ଏବଂ ଏହା କୋର୍ଟଙ୍କ ଆଦେଶର ଏକ ଅଂଶ।
- ଅନୁଚ୍ଛେଦ କରେ ଉଲ୍ଲେଖ କରଯାଇଥିବା ସମସ୍ତ ଅଭିଯୋଗ/ପିଟିସନ୍‌କୁ ବନ୍ଦ କରାଗଲା।
- ସମାନ ଅଭିଯୋଗ ଥାଇ ପୁନର୍ବାର ଅଭିଯୋଗ କୌଣସି ଫୋରମ୍‌ରେ ଗ୍ରହଣ କରାଯିବ ନାହିଁ।
- ଏସ୍ଆଇଟି ପକ୍ଷରୁ ଦିଆଯାଇଥିବା ପରାମର୍ଶମୂଳକ ପଦକ୍ଷେପ ଗୁଡ଼ିକୁ ବନତାରା ଓ କର୍ତ୍ତୃପକ୍ଷ ପାଳନ କରିବେ।
- ମାନହାନିମୂଳକ ପ୍ରକାଶନ ବିରୋଧରେ ବନତାରା ଆବଶ୍ୟକ ପଦକ୍ଷେପ ନେଇପାରିବେ।
- ଏସ୍ଆଇଟି ସଦସ୍ୟମାନଙ୍କୁ (ଚାକିରିରେ ଥିବା ଆଇଆର୍ଏସ୍ ଅଧିକାରୀଙ୍କ ବ୍ୟତୀତ) ସେମାନଙ୍କ କାର୍ଯ୍ୟ ପାଇଁ ପାରିଶ୍ରମିକ ଦିଆଯାଇଛି।

## ଉପସଂହାର

ସୁପ୍ରିମ୍‌କୋର୍ଟ ଏସ୍ଆଇଟିର ତଥ୍ୟକୁ ସୁପ୍ରିମ୍‌କୋର୍ଟ ସଂପୂର୍ଣ୍ଣ ଭାବେ ଗ୍ରହଣ କରିଛନ୍ତି। ମାମଲାକୁ ବନ୍ଦ କରିଛନ୍ତି। ବାରମ୍ବାର ଏଭଳି ମାମଲା ଉପରେ ନିଷେଧାଦେଶ ଲଗାଇଛନ୍ତି। ଏଥିସହିତ ସୁପ୍ରିମ୍‌କୋର୍ଟ ବନତାରାର କଲ୍ୟାଣ ମାନଦଣ୍ଡ ଏବଂ ସଂରକ୍ଷଣ ଉଦ୍ୟମକୁ ପ୍ରଶଂସା କରିବା ସହିତ ଭିତ୍ତିହୀନ ଅଭିଯୋଗ ବିରୋଧରେ ସତର୍କ କରାଇ ଦେଇଛନ୍ତି।





8260224080

ସମ୍ବାଦ

# ୟୁପିଆଇରେ ଟଙ୍କା ଉଠାଣ ସୁବିଧା ଶୀଘ୍ର

ନୂଆଦିଲ୍ଲୀ, ୧୫/୯: ୟୁପିଆଇ ମାଧ୍ୟମରେ ଯେଭଳି ଲୋକମାନେ ଟଙ୍କା ଉଠାଇ ପାରିବେ, ସେଥିପାଇଁ ବ୍ୟବସ୍ଥା କରାଯାଉଛି। ବିଶେଷ କରି ଗ୍ରାମାଞ୍ଚଳ ଓ ଅପହଞ୍ଚ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତାକୁ ଦୃଷ୍ଟି ଦିଆଯାଇଛି। ଦେଶବ୍ୟାପୀ ଥିବା ବିଜନେସ୍ କରେସ୍‌ପଣ୍ଡେଣ୍ଟ (ବିସି) ନେଟ୍‌ୱର୍କକୁ ବ୍ୟବହାର କରି ୟୁପିଆଇ ଜରିଆରେ ଲୋକମାନଙ୍କୁ ଟଙ୍କା ଉଠାଇବା ସୁବିଧା ଦିଆଯିବ। ବର୍ତ୍ତମାନ କେବଳ ୟୁପିଆଇ ଉଠାଣ ସୁବିଧା ଥିବା ଏଟିଏମ୍‌ଗୁଡ଼ିକରୁ ୟୁପିଆଇ ଜରିଆରେ ଟଙ୍କା ଉଠାଇ ହେଉଛି।। ସେହିପରି ହାତଗଣତି କିଛି ବ୍ୟବସାୟୀଙ୍କୁ ସହରାଞ୍ଚଳରେ ଥରକୁ ୧୦୦୦ ଟଙ୍କା ଏବଂ ଗ୍ରାମାଞ୍ଚଳରେ ୨୦୦୦ ଟଙ୍କା ପ୍ରଦାନ କରିବାର ଅନୁମତି ଦିଆଯାଇଛି। କିନ୍ତୁ ବିକାଶ କରାଯାଉଥିବା ନୂଆ ବ୍ୟବସ୍ଥା ବିସି ଆଉଟ୍‌ଲେଟ୍‌ରେ କ୍ୟୁଆର୍ କୋଡ୍ ସୁବିଧା ରହିବ। ଲୋକମାନେ ନିଜ ୟୁପିଆଇ ଆପ୍‌ରେ ସେହି କୋଡ୍‌କୁ ସ୍କାନ୍ କରି ଟଙ୍କା ଉଠାଇପାରିବେ। ବିସି ହେଉଛି ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କର ଆଉଟ୍‌ଲେଟ୍ ଭାବେ କାମ କରୁଛନ୍ତି। ଦେଶରେ ୨୦ ଲକ୍ଷ ପାଖାପାଖି ବିସି ରହିଛନ୍ତି। କ୍ୟୁଆର୍ କୋଡ୍ ସ୍କାନ୍ କରି ଟଙ୍କା ଉଠାଣ ସୁବିଧା ଆରମ୍ଭ କରିବାକୁ ନ୍ୟାସ୍‌ନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଅନୁମତି ଲୋଡ଼ାଯାଇଛି। ଏପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ ଅନୁମୋଦନ ମିଳିନାହିଁ। ବର୍ତ୍ତମାନ ବ୍ୟବସ୍ଥା ବିକାଶ ପର୍ଯ୍ୟାୟରେ ରହିଛି। ଏହି ବ୍ୟବସ୍ଥାରେ ଟଙ୍କା ଉଠାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା କଟିବ ଓ ସେହି ରାଶି ବିସି ଖାତାରେ ଜମା ହେବ। ଏହି ବ୍ୟବସ୍ଥା ବାୟୋମେଟ୍ରିକ୍ ଉଠାଣ ଓ ଏଟିଏମ୍ ଉଠାଣରେ ବିକଳ୍ପ ଭାବେ କାର୍ଯ୍ୟ କରିବ।



rner.in 8260224080

ସମ୍ବାଦ

# ବେକାରି ହାର ୫.୧%କୁ ଖସିଲା




## ୫ ମାସରେ ସର୍ବନିମ୍ନ

ନୂଆଦିଲ୍ଲୀ, ୧୫/୯: ଚଳିତ ବର୍ଷ ଅଗଷ୍ଟରେ ଦେଶର ବେକାରି ହାର ୫.୧ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁନ ଓ ଜୁଲାଇରେ ତାହା ଯଥାକ୍ରମେ ୫.୨ ପ୍ରତିଶତ ଓ ୫.୬ ପ୍ରତିଶତ ଥିଲା। ଲଗାତାର ଦ୍ୱିତୀୟ ମାସରେ ବେକାରି ହାର ହ୍ରାସ ପାଇ ପାଞ୍ଚ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ ପୁରୁଷ ବର୍ଗରେ ବେକାରି ହାର ୫ ପ୍ରତିଶତକୁ ହ୍ରାସ ପାଇଛି। ଶେଷ ଥର ପାଇଁ ଗତ ଏପ୍ରିଲ୍‌ରେ ଏହା ଏଭଳି ସ୍ତରରେ ଥିଲା। ସହରାଞ୍ଚଳରେ ପୁରୁଷ ବେକାରି ହାର ୫.୯ ପ୍ରତିଶତକୁ ଖସିଆସିଛି ଯାହା ଗତ ଜୁଲାଇରେ ୬.୬ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ପୁରୁଷ ବେକାରି ହାର ୪.୫ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁଲାଇରେ ତାହା ୪.୬ ପ୍ରତିଶତ ଥିଲା।

ଶ୍ରମ ଜନସଂଖ୍ୟା ଅନୁପାତ ଅଗଷ୍ଟରେ ୫୨.୨ ପ୍ରତିଶତରେ ପହଞ୍ଚିଛି ଯାହା ଗତ ଜୁନ୍ ଓ ଜୁଲାଇର ଯଥାକ୍ରମେ ୫୧.୨ ପ୍ରତିଶତ ଓ ୫୨ ପ୍ରତିଶତଠାରୁ ଉନ୍ନତ। ଶ୍ରମ ଶକ୍ତିରେ ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର୍) ଅଗଷ୍ଟରେ ୫୫ ପ୍ରତିଶତ ହୋଇଛି ଯାହା ଗତ ଜୁନ୍‌ରେ ୫୪.୨ ପ୍ରତିଶତ ଥିଲା। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ମହିଳା ଶ୍ରମ ଶକ୍ତି ହାର ବଢ଼ିଛି। ମହିଳାଙ୍କ ଶ୍ରମ ଶକ୍ତି ଅନୁପାତ ୩୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୦.୨ ପ୍ରତିଶତ ଓ ୩୧.୬ ପ୍ରତିଶତ ଥିଲା। ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ହାର ୩୩.୭ ପ୍ରତିଶତ ହୋଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୨ ପ୍ରତିଶତ ଓ ୩୩.୩ ପ୍ରତିଶତ ଥିଲା।

ଭଲ ମୌସୁମୀ ବର୍ଷା, ସରକାରୀ ସ୍କିମ୍‌ର ଲାଭ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସୁଧାର ପ୍ରଭାବରେ ନିଯୁକ୍ତି ହାର ବଢ଼ିବା ସହ ବେକାରି କମ୍ ହେଉଛି। ମୌସୁମୀ ବର୍ଷା ଓ ଚାଷ କାମ ପ୍ରଭାବରେ ଗ୍ରାମାଞ୍ଚଳରେ ଲଗାତାର ତୃତୀୟ ମାସ ପାଇଁ ବେକାରି ହାର କମ୍ ରହିଛି। ସରକାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବ ମଧ୍ୟ ରହିଛି।

BHUBANESWAR Edition
Page No.4 September 16, 2025

Odisha Civil Service Examination
CIVIL SERVICE CORNER
www.ocscorner.in
8260224080